# କେନ୍ଦ୍ରାପଡା ଜିଲ୍ଲାର ଚାଷୀଭାଇମାନଙ୍କ ପାଇଁ ବିଶେଷ ସୂଚନା

୨୦୧୬-୧୭ ରବି ଋତୁ ପାଇଁ ରାଜ୍ୟ ସରକାର ଚାଷୀମାନଙ୍କ ନିମନ୍ତେ ଏଫ୍.ଏ.କ୍ୟୁ. ମାନର ମୁଗ ନିମନ୍ତେ ସର୍ବନିମ୍ନ ସହାୟକ ମୂଲ୍ୟ ଟ.୫୨୨୫/- ଙ୍କା ସ୍ଥିର କରିଛନ୍ତି।

ଚଳିତ ୨୦୧୬-୧୭ ରବି ଋତୁର ମୁଗ ବିକ୍ରୟ ପାଇଁ ଇଚ୍ଛୁକ ଚାଷୀଭାଇମାନଙ୍କୁ ଅନୁରୋଧ ଯେଉଁମାନେ ଧାନ ବିକ୍ରୟ ପାଇଁ ନାମ ପଞ୍ଜିକୃତ କରିଥିଲେ, ସେମାନେ ନିଜ ନିଜର ପଞ୍ଜିକୃତ କାଗଜାତ୍ ରେକର୍ଡକୁ ନେଇ ସଂପୃକ୍ତ ଭି.ଏ.ଡବ୍ଲ୍ୟୁ ଓ ସହକାରୀ କୃଷି ଅଧିକାରୀଙ୍କ ଦ୍ୱାରା ପ୍ରମାଣିତ କରାଇ ସରକାରୀ ମୂଲ୍ୟରେ ମୁଗ ବିକ୍ରୟ କରିପାରିବେ।

ପଞ୍ଜିକୃତ କରିନଥିବା ଚାଷୀମାନେ କ୍ରୟ କେନ୍ଦ୍ରରୁ ଚାଷୀ ପରିଚୟ ପତ୍ର ନେଇ ଭି.ଏ.ଡବ୍ଲ୍ୟୁ ଓ ସହକାରୀ କୃଷି ଅଧିକାରୀଙ୍କ ଦ୍ୱାରା ପ୍ରମାଣିତ କରାଇ ସରକାରୀ ମୂଲ୍ୟରେ ମୁଗ ବିକ୍ରୟ କରିପାରିବେ।

କ୍ରୟ କେନ୍ଦ୍ରକୁ ମୁଗ ବିକ୍ରୟ ପାଇଁ ଆସୁଥିବା ଚାଷୀମାନେ କେବଳ ଏଫ.ଏ.କ୍ୟୁ ମାନର ମୁଗ ଆଣିବେ। ଖରାପ ମୁଗ ଆଣିଲେ ନିଜ ଖର୍ଚ୍ଚରେ ଫେରାଇ ନେବେ। ମୁଗର ମୂଲ୍ୟ ଚାଷୀଭାଇମାନଙ୍କୁ ଅନ୍‌ଲାଇନ୍‌ରେ ପ୍ରଦାନ କରାଯିବ। ଅଧିକ ଜାଣିବା ପାଇଁ କ୍ରୟ କେନ୍ଦ୍ରର କ୍ରୟ ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ।

**ମୁଗ କ୍ରୟ ଦିବସ :** ମାର୍ଶାଘାଇ ବ୍ଲକ୍ - ବୁଧବାର (ମାର୍ଶାଘାଇ ପ୍ରାଥମିକ କୃଷି ସମବାୟ ସମିତି)
ପଟ୍ଟାମୁଣ୍ଡାଇ ବ୍ଲକ୍- ଶୁକ୍ରବାର (ଅଳଭା ପ୍ରାଥମିକ କୃଷି ସମବାୟ ସମିତି)

ମୁଗ ବିକ୍ରୟ ପାଇଁ ଆଣୁଥିବା ଚାଷୀଭାଇମାନେ ତିନିଦିନ ପୂର୍ବରୁ କ୍ରୟ କେନ୍ଦ୍ରରୁ କୁପନ ନେବାକୁ ଅନୁରୋଧ।

ଉପରୋକ୍ତ ସୂଚନା ଆର.ଏମ.ସି.ର ୱେବ୍‌ସାଇଟ୍ (www.rmckendrapara.com)ରେ ମଧ୍ୟ ଉପଲବ୍ଧ ହୋଇପାରିବ।

*ଜିଲ୍ଲା ପ୍ରଶାସନ, କେନ୍ଦ୍ରାପଡା*

*ସୌଜନ୍ୟ : ନିୟନ୍ତ୍ରିତ ବଜାର କମିଟି, କେନ୍ଦ୍ରାପଡା*